# NATIONAL NEWS BULLETIN (ODIA)

## 15 January-2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ଆଜି ତିନୋଟି ନୌସେନା ଜାହାଜକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ ।

- ପ୍ରୟାଗରାଜର ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କୁ ସହାୟତା ପ୍ରଦାନ କରୁଛି ଭାଷିନୀ ମୋବାଇଲ୍ ଆପ୍ ।

- ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀ ଠାରେ ପହଞ୍ଚିଲେ ସିଙ୍ଗାପୁର ରାଷ୍ଟ୍ରପତି ।

- ଦକ୍ଷିଣ ଆଫ୍ରିକା ପରିତ୍ୟକ୍ତ ସୁନା ଖଣି ଦୁର୍ଘଟଣାରେ ଏ ପର୍ଯ୍ୟନ୍ତ ୩୬ ଜଣଙ୍କର ମୃତ୍ୟୁ, ଜାରି ରହିଛି ଉଦ୍ଧାର କାର୍ଯ୍ୟ ।

ଏବଂ

- ଭାରତ-ଆୟରଲାଣ୍ଡ ତିନିଟିକିଆ ମହିଳା ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ରାଜକୋଟ୍ ଠାରେ ଖେଳାଯିବ ।

## ପିଏମ୍-ମୁମ୍ବାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁମ୍ବାଇରେ ଦୁଇଟି ନୌସେନା ଜାହାଜ ଏବଂ ଗୋଟିଏ ବୁଡ଼ା ଜାହାଜକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଭାରତୀୟ ନୌସେନାର ତିନୋଟି ଜାହାଜ ପ୍ରଥମଥର ପାଇଁ ଏକା ସଙ୍ଗରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ପ୍ରତିରକ୍ଷା ଉତ୍ପାଦନ ଏବଂ ସାମୁଦ୍ରିକ ନିରାପତ୍ତା କ୍ଷେତ୍ରରେ ଏହି ଲଢୁଆ ଜାହାଜ ଗୁଡ଼ିକ ବିଶେଷ ସହାୟତା ପ୍ରଦାନ କରିବ । ଦୁଇଟି ଯାକ ଜାହାଜ ଆଇ.ଏନ୍.ଏସ୍. ସୁରଟ ଏବଂ ଆଇ.ଏନ୍.ଏସ୍. ନୀଳଗିରି ଓ ବୁଡ଼ା ଜାହାଜ ଆଇ.ଏନ୍.ଏସ୍. ବାଘ୍‌ଶିରକୁ ନୌସେନା ଡକ୍‌ୟାର୍ଡ୍‌ରେ ରଖାଯାଇଛି । ଏହି ଜାହାଜ ଗୁଡ଼ିକରେ ମହିଳା ଅଧିକାରୀ ଏବଂ ନାବିକଙ୍କର ଏକ ବଡ଼ ଗ୍ରୁପ୍ କାର୍ଯ୍ୟକ୍ଷମ ରହିବ । ପ୍ରଧାନମନ୍ତ୍ରୀ ନଭି ମୁମ୍ବାଇରେ ଆଜି ସନ୍ଧ୍ୟାରେ ଇସ୍‌କନ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ରାଧା ମଦନମୋହନଜୀ ମନ୍ଦିରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ଇଏଏମ୍-ସ୍ପେନ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ସ୍ପେନ୍ ପ୍ରତିପକ୍ଷ ଜୋସେ ମାନୁଏଲ୍ ଆଲବରେସ୍ ବଦଳୁଥିବା ବିଶ୍ୱ ପାଇଁ ଷ୍ଟ୍ରାଟେଜିକ୍ ଆଲାଏନ୍ସ ଶୀର୍ଷକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ସ୍ପେନ୍‌ର ମାଦ୍ରିଦ୍ ସ୍ଥିତ ସ୍ପେନ୍ ଇଣ୍ଡିଆ କାଉନ୍‌ସିଲ୍ ଫାଉଣ୍ଡେସନ୍ ଠାରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ, ପ୍ରଶିକ୍ଷଣ ତଥା ଅନ୍ୟାନ୍ୟ କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବାରେ ଏଭଳି ଅଧିବେଶନ ବିଶେଷ ସହାୟକ ହୋଇଛି । ୟୁରୋପୀୟ ସଂଘ, ଭୂମଧ୍ୟସାଗର ଏବଂ ଲାଟିନ୍ ଆମେରିକା ସହିତ ଭାରତର ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ସ୍ପେନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଡକ୍ଟର ଜୟଶଙ୍କର ସ୍ପେନ୍‌ର ପ୍ରତିରକ୍ଷା ମନ୍ତ୍ରୀ ମାର୍ଗାରିଟା ରୋବଲ୍ସଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ପ୍ରତିରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତଥା ଆଞ୍ଚଳିକ ଏବଂ ଉଭୟ ଦେଶର ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଛି ।

# ମହାକୁମ୍ଭ-ଭାଷିନୀ

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଯୋଗ ଦେଉଥିବା ବିଭିନ୍ନ ଭାରତୀୟ ଭାଷାଭାଷୀ ଶ୍ରଦ୍ଧାଳୁଙ୍କ ସହାୟତା ଲାଗି ଭାଷିନୀ ମୋବାଇଲ୍ ଆପ୍‌ର ପ୍ରଚଳନ କରାଯାଇଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏହି ଆପ୍ ମାଧ୍ୟମରେ ୧୧ଟି ଭାଷାରେ ଶ୍ରଦ୍ଧାଳୁ ଭାଷାନ୍ତରଣ ସୁବିଧା ପାଇପାରୁଛନ୍ତି । ଶ୍ରଦ୍ଧାଳୁ ନିଜ ଭାଷା ବ୍ୟବହାର କରି ହଜିଯାଇଥିବା କିମ୍ବା ମିଳିଥିବା ଜିନିଷ ଗୁଡ଼ିକର ପଞ୍ଜୀକରଣ କରୁଛନ୍ତି । ସହଜ ଯୋଗାଯୋଗ ପାଇଁ ଆପ୍ ମାଧ୍ୟମରେ ରିୟଲ୍ ଟାଇମ୍ ଟେକ୍ସଟ୍ କିମ୍ବା ଭଏସ୍ ଅନୁବାଦ ସୁବିଧା ରହିଛି । ପ୍ରଶ୍ନ ଏବଂ କିଓସ୍କୋ ନାଭିଗେସନ୍ ପାଇଁ ବହୁଭାଷୀ ଚାର୍ଟ୍‌ର ମଧ୍ୟ ସୁବିଧା ଏଥିରେ ପ୍ରଦାନ କରାଯାଇଛି । ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତା ପରିଚାଳିତ ଏହି ଆପ୍ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ସହାୟତା ପ୍ରଦାନ କରୁଛି । ଉତ୍ତର ପ୍ରଦେଶ ପୁଲିସ୍‌ର ୧୧୨ ଜରୁରୀକାଳୀନ ହେଲ୍ପଲାଇନ୍ ୟୁନିଟ୍ ସହ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ଶ୍ରଦ୍ଧାଳୁଙ୍କୁ ଏହି ଆପ୍ ଅତ୍ୟନ୍ତ ସହଯୋଗ ପ୍ରଦାନ କରୁଥିବା ଜଣାପଡ଼ିଛି ।

# ପ୍ରେଜ୍ ସିଙ୍ଗାପୁର-ଇଣ୍ଡିଆ

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗାରନ୍ତମ୍ ୫ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀ ଠାରେ ପହଞ୍ଚିଛନ୍ତି । ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ତାଙ୍କୁ ଗତ ରାତିରେ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଥର୍ମନଙ୍କ ସହ ମନ୍ତ୍ରୀ, ସାଂସଦ ଓ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଆସିଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତି ଭାବେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ।

ଗସ୍ତ ସମୟରେ ରାଷ୍ଟ୍ରପତି ଥର୍ମନ' ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରିବେ। ତାଙ୍କ ସମ୍ମାନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ନୈଶ୍ୟଭୋଜିର ଆୟୋଜନ କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ରାଷ୍ଟ୍ରପତି ଥର୍ମନ ସାକ୍ଷାତ ଆଲୋଚନା କରିବେ । ଆସନ୍ତା ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥର୍ମନ ଓଡ଼ିଶା ଗସ୍ତ କରିବେ।

ବନ୍ଧୁତା, ବିଶ୍ୱାସ ଏବଂ ପାରସ୍ପରିକ ସମ୍ମାନର ଦୀର୍ଘ ପରମ୍ପରା ଆଧାରରେ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ବ୍ୟାପକ ସହଯୋଗ ରହିଛି । ରାଷ୍ଟ୍ରପତି ଥର୍ମନଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଭାରତ ଓ ସିଙ୍ଗାପୁର

ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୬୦ତମ ବାର୍ଷିକୀ ପାଳନର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ଥର୍ମନ ଭାରତ ଗସ୍ତରେ ଆସିଥିବା ଜଣାପଡ଼ିଛି ।

## ଭିପି–ଛତିଶଗଡ଼

ଛତିଶଗଡ଼ର ବିଳାଶପୁର ଠାରେ ଥିବା ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୧୧ତମ ସମାବର୍ତ୍ତନ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଯୋଗଦେବେ । ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରମେନ୍ ଡେକ୍କା ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ମାଇନ୍‌ସ– ଡେଥ୍

ଦକ୍ଷିଣ ଆଫ୍ରିକାର ପରିତ୍ୟକ୍ତ ସୁନା ଖଣିରେ ନିଖୋଜ ଥିବା ବ୍ୟକ୍ତିଙ୍କ ଲାଗି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଗତ ଦୁଇ ଦିନ ମଧ୍ୟରେ ସୁନା ଖଣିରୁ ୩୬ଟି ମୃତ ଦେହ ଉଦ୍ଧାର କରାଯାଇଛି । ତେବେ ୮୨ ଜଣ ଲୋକଙ୍କୁ ଜୀବିତ ବାହାର କରାଯାଇଥିବା ସୂଚନା ମିଳିଛି । ଏବେ ମଧ୍ୟ ଶତାଧିକ ଲୋକ ଖଣି ମଧ୍ୟରେ ଅଟକି ରହିଥିବା ଆଶଙ୍କା କରାଯାଉଛି । ପ୍ରକୃତ

ସଂଖ୍ୟା ନେଇ ସ୍ପଷ୍ଟ ସୂଚନା ନ ଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ପୁଲିସ୍ ସୂଚନା ଦେଇଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବେଆଇନ୍ ଖଣି ଖନନ, ଅନୁପ୍ରବେଶ ଏବଂ ଇମିଗ୍ରେସନ୍ ଆଇନ୍ ଉଲ୍ଲଘଂନ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦକ୍ଷିଣ ଆଫ୍ରିକାରେ ବିନା ଲାଇସେନ୍ସରେ ବ୍ୟବସାୟିକ ଭାବେ ଖଣି ଶ୍ରମିକ ପରିତ୍ୟକ୍ତ ସ୍ଥାନରେ ବେଆଇନ୍ ଖନନ କରୁଥିବାର ଅଭିଯୋଗ ରହିଛି ।

## ଲେହ-ଆକ୍ସିଡେଣ୍ଟ

ଲଦାଖ କାର୍ଗିଲ୍‌ର ୧ନମ୍ବର ଜାତୀୟ ରାଜପଥର କାଟପକାସି ଶିଲିଖେଠାରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଦୁଇ ଜଣ ଏଥିରେ ଆହତ ହୋଇଛନ୍ତି । ଏକ ସ୍କର୍ପିଓ ଏବଂ ଟ୍ରିପର୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ହୋଇଛି । ଆହତଙ୍କୁ କାର୍ଗିଲ୍ ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ଲଦାଖ ପୁଲିସ୍, ଭାରତୀୟ ସେନା ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ।

# ବୈଷ୍ଣବ-ଡିପିଡିପି

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଇନ୍ ଏବଂ ବିଭିନ୍ନ ନିୟମକୁ ଅଧିକ ସୁଦୃଢ଼ କରିବାରେ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଡିଜିଟାଲ୍ ପର୍ସନାଲ୍ ଡାଟାପ୍ରୋଟେକ୍‌ସନ ଡି.ପି.ଡି.ପି. ନିୟମ ୨୦୨୫ର ଚିଠା ପ୍ରସ୍ତାବ ଉପରେ ସରକାରୀ ଅଧିକାରୀ ଏବଂ ଶିଳ୍ପୋଦ୍ୟୋଗୀଙ୍କ ଏକ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ଏହି ଅବସରରେ ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ଢାଞ୍ଚା ପ୍ରତି ସରକାରଙ୍କ ଆଭିମୁଖ୍ୟ ଉପରେ ସେ ଆଲୋକପାତ କରିଥିଲେ । ଡି.ପି.ଡି.ପି. ଆଇନ୍ ୨୦୨୩ ଏବଂ ଚିଠା ପ୍ରସ୍ତାବ ୨୦୨୫ ଉପରେ ବିଚାର ବିମର୍ଶ କରିବାକୁ ଶ୍ରୀ ବୈଷ୍ଣବ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ସରକାରୀ ଅଧିକାରୀ, ଶିଳ୍ପୋଦ୍ୟୋଗୀ, ଆଇନ୍ ବିଶେଷଜ୍ଞ ଏବଂ ନୀତିନିର୍ଦ୍ଧାରକଙ୍କ ମିଶାଇ ୨୦୦ରୁ ଅଧିକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

# କ୍ରିକେଟ୍-ଓଡ଼ିଆଇ

ଭାରତ-ଆୟରଲାଣ୍ଡ ତିନିଟିକିଆ ମହିଳା ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ଗୁଜରାଟର ରାଜକୋଟ୍ ଠାରେ ଏହି ମ୍ୟାଚ୍ ପୂର୍ବାହ୍ନ ୧୧ଟାରେ ଆରମ୍ଭ

ହେବ । ପ୍ରଥମ ଦୁଇଟିଯାକ ଦିନିକିଆ ଜିତି ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି । ପ୍ରଥମ ଦିନିକିଆକୁ ଭାରତ ୬ ଓ୍ୱିକେଟ୍‌ରେ ବିଜୟ ହାସଲ କରିବା ସହ ଦ୍ୱିତୀୟ ଦିନିକିଆରେ ଆୟରଲାଣ୍ଡକୁ ୧୧୬ରନ୍‌ରେ ପରାସ୍ତ କରିଥିଲା ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ଗତକାଲିର ମ୍ୟାଚ୍‌ରେ ସ୍ରାଚୀ ରାହା ବେଙ୍ଗଲ ଟାଇଗର୍ ବିଜୟୀ ହୋଇଛି । ରାଞ୍ଚିର ଜୟସିଂହପାଲ୍ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗଲ୍ ଟାଇଗର୍ସ୍’ ଦିଲ୍ଲୀ ଏସ୍.ଜି. ପାପଇପର୍ସ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ପ୍ରତିଯୋଗିତାରେ ଏହି ପ୍ରଥମ ବିଜୟ ସହ ବେଙ୍ଗଲ ଟାଇଗର୍ସ୍ ୩ ପଏଣ୍ଟ ହାସଲ କରିଛି । ତେବେ ଅନ୍ୟ ପକ୍ଷରେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ପରାଜୟ ଯୋଗୁଁ ଏ ପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲିବାରେ ବିଫଳ ହୋଇଛି । ଆଜି ଓଡ଼ିଶା ଓ୍ୱାରିୟର୍ସ୍ ଏବଂ ସୁରମା ହକି କ୍ଲବ୍ ପରସ୍ପରକୁ ଭେଟିବେ ।

ଅନ୍ୟ ପକ୍ଷରେ ପୁରୁଷ ବର୍ଗରେ ଗୋନାସିକା ଦଳ ଗତକାଲି ମ୍ୟାଚ୍‌ରେ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୋନାସିକା ଦଳ ସୁରମା

ହକି କ୍ଲବ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଆଜି ୟୁ.ପି. ରୁଦ୍ରସ୍ ଏବଂ ବେଙ୍ଗଲ ଟାଇଗର୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ଫୁଟବଲ୍

ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ଆଜି ମହମଡାନ୍ ଏସ୍.ସି. ଏବଂ ଚେନ୍ନାଇୟାନ୍ ଏଫ୍.ସି. ମଧ୍ୟରେ ମୁକାବିଲା ହେବ । କୋଲକାତାର କିଶୋରଭାରତୀ କ୍ରୀଡ଼ାଙ୍ଗନାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ଆଇ.ଏସ୍.ଏଲ୍. ର୍ୟାଙ୍କିଙ୍ଗ୍ ତାଲିକାରେ ମହମଡାନ୍ ଏସ୍.ସି. ୧୦ ପଏଣ୍ଟ ସହ ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ଚେନ୍ନାଇୟାନ୍ ଏଫ୍.ସି. ୧୬ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛି ।

## ଖୋଖୋ

ଖୋଖୋ ବିଶ୍ୱକପ୍ ୨୦୨୫ ପ୍ରତିଯୋଗିତାରେ ଗତକାଲିର ଖେଳରେ ଭାରତୀୟ ପୁରୁଷ ଏବଂ ମହିଳା ଦଳ ବିଜୟ ହାସଲ କରିଛନ୍ତି । ପୁରୁଷ ବର୍ଗରେ ଭାରତ' ବ୍ରାଜିଲ୍ ବିପକ୍ଷରେ ୬୪-୩୪ ପଏଣ୍ଟରେ ବିଜୟ ହାସଲ କରିଛି । ମହିଳା ଦଳ ଦକ୍ଷିଣ କୋରିଆକୁ ୧୭୫-୧୮ ପଏଣ୍ଟରେ ପରାସ୍ତ କରିଛି । ଆଜି  ପୁରୁଷ ବର୍ଗରେ ପେରୁ ବିପକ୍ଷରେ ଭାରତ ଖେଳିବ ।

# ପାଣିପାଗ

ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ  ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା କିମ୍ବା ତୁଷାରପାତ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପଞ୍ଜାବ, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶର ପଶ୍ଚିମାଞ୍ଚଳରେ ଆଜି ବଜ୍ରପାତର ଆଶଙ୍କା ରହିଛି । ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଞ୍ଜାବ, ହରିଆଣା, ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ର, ସିକ୍କିମ୍ ଏବଂ ଦେଶର ଅନ୍ୟ ଉତ୍ତର ପୂର୍ବାଞ୍ଚଳରେ ଆଜି ରାତି ଏବଂ ସକାଳ ସମୟରେ ଘନ କୁହୁଡ଼ି ଦେଖା ଦେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । କେନ୍ଦ୍ରୀୟ ଭାରତ ଏବଂ ମହାରାଷ୍ଟ୍ରରେ ଆସନ୍ତା ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।